بسم الله الرحمن الرحيم

**ଖୁତ୍‌ବା ଜୁମା ୧୭ ଫେବୃଆରୀ ୨୦୨୩ର ସାରାଂଶ**
**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ୍ (ୟୁ.କେ)**

# ମୁସଲେହ୍ ମଉଦ୍ ଭବିଷ୍ୟତବାଣୀ ଅନ୍ତର୍ଗତ ସୟେଦିନା ହ. ଖଲିଫତୁଲ୍ ମସିହ୍ ସାନି ଅଲ୍ ମୁସେଲହ୍ ମଉଦ୍ ର.ଅଙ୍କ କେତେକ ଜ୍ଞାନଭିତ୍ତିକ କୃତିତ୍ୱ ଉପରେ ଅଣଅହେମଦି ଓ ମନିଷୀମାନଙ୍କର ପ୍ରଶଂସନୀୟ ପ୍ରତିକ୍ରିୟା ।

**ଅଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ। ଅମ୍ମା ବାଦ୍‌ଫାଉଜୁ ବିଲ୍ଲାଃହି ମିନଶ୍ ଶୈତାନ୍ ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହ୍‌ମାନ୍ ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମାନ୍ ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଅଲୈହିମ୍ ୱଲଜ୍ୱାଲ୍‌ଲିନ୍ ।**

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ; ଯେପରିକି ପ୍ରତ୍ୟେକ ଅହେମଦି ଏକଥା ଜାଣନ୍ତି ଯେ, ୨୦ ଫେବୃୟାରୀର ଦିନକୁ ଜମାଅତ୍ ଅହେମଦିୟାରେ **ପେଶ୍‌ଗୋଇ ମୁସଲେହ୍ ମଉଦ୍** ନାମରେ ସ୍ମରଣ କରାଯାଏ । ଇତ୍ୟବସରରେ ବିଭିନ୍ନ ଜମାଅତ୍‌ରେ ଜଲ୍‌ସା ମଧ୍ୟ ହୋଇଥାଏ । ଉକ୍ତ ଭବିଷ୍ୟତବାଣୀ ଅନୁଯାୟୀ ହ. ମସିହ୍ ମଉଦ୍ ଅ.ସଙ୍କ ଏକ ସୁଯୋଗ୍ୟ ସନ୍ତାନ ଏବଂ ଅସଂଖ୍ୟ ଗୁଣାବଳୀର ଅଧିକାରୀ ଥିଲେ ।

ହୁଜୁର ଅନୱର୍ ଅ.ବ ପେଶ୍‌ଗୋଇ ମୁସଲେହ୍ ମଉଦ୍‌ର ଶବ୍ଦାବଳୀ ଉପସ୍ଥାପିତ କଲେ ଏବଂ ଏତଦ୍‌ପରେ ପେଶ୍‌ଗୋଇ ମୁସ୍‌ଲେହ୍ ମଉଦ୍‌ର ଅବଧି ମଧ୍ୟରେ ହ. ମୁସଲେହ୍ ମଉଦ୍ ର.ଅଙ୍କ ଜନ୍ମ ଏବଂ ଆପଣ ର.ଅ ହିଁ ଉକ୍ତ ଭବିଷ୍ୟତବାଣୀର ଚରିତାର୍ଥ ଅଟନ୍ତି ବୋଲି ଦର୍ଶାଇ ଏହାର ସଂକ୍ଷିପ୍ତ ଚର୍ଚ୍ଚା କଲେ ।

ହୁଜୁର ଅନୱର୍ ଅ.ବ କହିଲେ ବର୍ତ୍ତମାନ ମୁଁ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ଜ୍ଞାନଭିତ୍ତିକ ଏବଂ କାର୍ଯ୍ୟଭିତ୍ତିକ କୃତିତ୍ୱ ଉପଲବ୍ଧି କରିଥିଲେ ତାହା ଉପସ୍ଥାପିତ କରିବି । କିନ୍ତୁ ଏହା ପୂର୍ବରୁ ଏକଥା ନିଜ ଦୃଷ୍ଟି ସମ୍ମୁଖରେ ରଖିବା ଉଚିତ ଯେ, ସ୍ୱାସ୍ଥ୍ୟ ଦୃଷ୍ଟିରୁ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ବାଲ୍ୟକାଳ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଅତିବାହିତ ହୋଇଥିଲା । ସାଂସାରିକ ଦୃଷ୍ଟିରୁ ହ. ମୁସ୍‌ଲେହ୍ ମଉଦ୍ ର.ଅ ଉଚ୍ଚ ଶିକ୍ଷିତ ନଥିଲେ କହିଲେ ଚଳେ । କିନ୍ତୁ ଯଦିଓ ଅଲ୍ଲାଃତାଲା ଆପଣ ର.ଅଙ୍କୁ ପ୍ରକାଶ୍ୟଭିତ୍ତିକ ଜ୍ଞାନ ଏବଂ ଅନ୍ତରୀଣଭିତ୍ତିକ ଜ୍ଞାନ ଦ୍ୱାରା ପୂର୍ଣ୍ଣ ହେବାର ପ୍ରତିଶ୍ରୁତି ଦେଇଥିଲେ । ଏଣୁ ଅଲ୍ଲାଃତାଲା ହିଁ ଆପଣ ର.ଅଙ୍କ ତୁଣ୍ଡ ମାଧ୍ୟମରେ ବୁଦ୍ଧିକୁ ସ୍ତମ୍ଭୀଭୂତ କରିଦେବା ଭଳି ଖୁତବାତ୍ ଏବଂ ଖିତାବାତ୍ (ଉଦ୍‌ବୋଧନୀ ଏବଂ ଅଭିଭାଷଣ) ଜାରି କରାଇଥିଲେ । ସେହିପରି ଆପଣ ର.ଅ ଏଭଳି ବିଷୟବସ୍ତୁ ଉଲ୍ଲେଖ କରି ଉଦାହରଣ ଦେଲେ ଯାହାକି ଅନନ୍ୟ ଓ ଅପ୍ରତିମ ଥିଲା । ସେହିପରି ଏହି ବିଷୟବସ୍ତୁର ପ୍ରତି ଅଣଅହେମଦିମାନେ ମଧ୍ୟ ପରିଚିତ ଅଟନ୍ତି । ତତ୍‌ସଂକ୍ରାନ୍ତରେ ମୁଁ କେତେକ ପ୍ରାମାଣ୍ୟ ଉପସ୍ଥାପିତ କରିବି । କିନ୍ତୁ ଏହା ପୂର୍ବରୁ ମୁଁ ଆପଣ ର.ଅଙ୍କ ଲେଖନୀ, ଖୁତ୍‌ବାତ୍, ପ୍ରବନ୍ଧ, ଭାଷଣ ଏବଂ ମଜାଲିସ୍ ଇର୍ଫାନ୍ (ବ୍ରହ୍ମଜ୍ଞାନଭିତ୍ତିକ ସଭା) ଆଦିର ସଂଖ୍ୟା ଏବଂ ସ୍ଥୂଳ ରୂପେ ଏକ ଦୃଷ୍ଟିପାତ ତଥା ସମୀକ୍ଷା ଉପସ୍ଥାପିତ କରି ଦେଉଛି ।

ଆପଣ ର.ଅଙ୍କ ଯେଉଁ ପୁସ୍ତକାବଳୀ, ଉଦ୍‌ବୋଧନ, ଭାଷଣ, ବାର୍ତ୍ତା ଏବଂ ନିବନ୍ଧ ଆଦି ପ୍ରକାଶିତ ହେଲା ଅବା ଆଜି ସେହି ସମସ୍ତ ଲେଖନୀ ସଂପୂର୍ଣ୍ଣ ହୋଇଯାଇଛି ଏବଂ ପ୍ରକାଶିତ ହେବା ପାଇଁ ପ୍ରସ୍ତୁତ ରହିଛି । ଏହା **'ଅନୱାରୁଲ୍ ଉଲୁମ୍'** ନାମରେ ପ୍ରକାଶିତ ହୋଇଛି । ସେହି ସମସ୍ତ ଗ୍ରନ୍ଥଖଣ୍ଡ ସଂଖ୍ୟା ୩୮ ହେବ ଏବଂ ମୋଟ ପୁସ୍ତକ ସଂଖ୍ୟା ୧୪୨୪ ଅଟେ । ମୋଟ ପୁସ୍ତକ ସଂଖ୍ୟା ହେଲା ୨୦୩୪୦ । ତଫ୍‌ସୀର କବୀର୍, ତଫ୍‌ସିର୍ ସଗିର୍ ଏବଂ ଅନ୍ୟାନ୍ୟ ବ୍ୟାଖ୍ୟାମୂଳକ ବିଷୟବସ୍ତୁ ସମ୍ବଳତି ତଥ୍ୟର ମୋଟ ପୃଷ୍ଠା ସଂଖ୍ୟା ୨୮୭୩୫ ଅଟେ । ଯହିଁର ୧୮୦୮ଟି ଖୁତ୍‌ବା ଜୁମା, ୫୧ଟି ଖୁତ୍‌ବାତେ ଇଦୁଲ୍ ଫିତର, ୪୨ଟି ଖୁତ୍‌ବାତେ ଇଦୁଲ୍ ଅଜ୍‌ହା, ୧୫୦ଟି ଖୁତ୍‌ବାତେ ନିକାହ୍, ଖିତ୍‌ବାତେ ଶୁରା

ପ୍ରଥମ ଭାଗ ଏବଂ ତୃତୀୟ ଭାଗ ଆଦି ପ୍ରକାଶିତ ହୋଇଛି । ଯାହାର ହାରାହାରି ପୃଷ୍ଠା ସଂଖ୍ୟା ୨୧୩୧ ଅଟେ । ଯଦି ସମସ୍ତ ପୃଷ୍ଠାକୁ ଏକତ୍ରିତ କରିଦିଆଯାଏ ତେବେ ସର୍ବମୋଟ ପୃଷ୍ଠା ସଂଖ୍ୟା ହେଉଛି ୭୫୦୦୦ ।

ହୁଜୁର ଅନ୍‌ୱର୍ ଅ.ବ ରିସର୍ଚ ସେଲ୍ ସଂକ୍ରାନ୍ତରେ ଏଭଳି ନିବନ୍ଧ, ଭାଷଣ, ମଜାଲିସେ ଇର୍ଫାନର ସମୀକ୍ଷା ମଧ୍ଯ ଉପସ୍ଥାପିତ କଲେ ଯାହାକି ବର୍ତ୍ତମାନ ସୁଦ୍ଧା ଅପ୍ରକାଶିତ । ହୁଜୁର ଅନ୍‌ୱର ଅ.ବ କହିଲେ ଏହା ଏକ ବ୍ୟାପକ ଜ୍ଞାନଭିତ୍ତିକ ରତ୍ନ ଭଣ୍ଡାର । ବର୍ତ୍ତମାନ ମୁଁ ଆପଣ ର.ଅଙ୍କ ଜ୍ଞାନଭିତ୍ତିକ କଳାକୃତି ବା କାର୍ଯ୍ୟକୃତି ମଧ୍ଯରୁ ପବିତ୍ର କୁରଆନ୍ କରୀମ୍‌ର ଅନୁବାଦ ଏବଂ ବ୍ୟାଖ୍ୟାର କେତେକ ଘଟଣାବଳୀ ଏବଂ ଅଣହେମଦିମାନଙ୍କର କେତେକ ଆଲୋଚନା, ପର୍ଯ୍ୟାଲୋଚନା ଉପସ୍ଥାପିତ କରୁଛି । ଆପଣ ର.ଅ ତଫ୍‌ସିର୍ କବୀରରେ ୫୯ଟି ସୁରାଃର ବ୍ୟାଖ୍ୟା କରିଛନ୍ତି ଯାହା ୧୦ଟି ଭାଗରେ ପ୍ରକାଶିତ ହୋଇସାରିଛି । ସେହିପରି ଆପଣ ର.ଅଙ୍କ ଅନେକ ବ୍ୟାଖ୍ୟାତ୍ମକ ଟୀକା ଟିପ୍ପଣୀ ହସ୍ତଗତ ହୋଇଛି ଯାହାର ସଂଖ୍ୟା ୧୦୦୦ ହେବ ଏବଂ ତାହା ଯେକୌଣସି ମୁହୂର୍ତ୍ତରେ ପ୍ରକାଶିତ ହୋଇଯିବ ।

ହ. ମୁସ୍‌ଲେହ୍ ମଉଦ୍ ର.ଅ ତଫ୍‌ସିର୍ ସଗିର୍ ସଂକ୍ରାନ୍ତରେ ଏକ ସ୍ଥଳରେ କହିଲେ ଯେ, ମୋର ଏହି ମତ ରହିଛି ଯେ, ବର୍ତ୍ତମାନ ପବିତ୍ର କୁରଆନ୍‌ର ଯେତେ ଅନୁବାଦ ହୋଇଛି ତନ୍ମଧ୍ଯରୁ କୌଣସି ଅନୁବାଦରେ ଉର୍ଦ୍ଦୁ ପ୍ରବାଦ ଏବଂ ଆରବୀୟ ପ୍ରବାଦ ପ୍ରତି ସେତେଟା ଗୁରୁତ୍ୱ ଦିଆଯାଇ ନାହିଁ ଯେତେଟା ଗୁରୁତ୍ୱ ଏହି ତଫ୍‌ସିରରେ ରଖା ଯାଇଛି । ଆପଣ ର.ଅ କୁହନ୍ତି ଯେ, ବିଗତ ୧୩୦୦ ଶତାବ୍ଦୀରେ ବଡ଼ ବଡ଼ ବିଦ୍ୱାନ୍ ପଣ୍ଡିତମାନେ ଆସିଛନ୍ତି କିନ୍ତୁ ଅଲ୍ଲାଃତାଲା ମୋତେ ଯେଉଁ ଗୁରୁଦାୟିତ୍ୱ ନିର୍ବାହ କରିବା ପ୍ରତି ସାମର୍ଥ୍ୟ ପ୍ରଦାନ କରିଛନ୍ତି ତାହା ଅନ୍ୟ କୌଣସି ବିଦ୍ୱାନ୍ ବ୍ୟକ୍ତିଙ୍କୁ ପ୍ରାପ୍ତ ହୋଇ ନାହିଁ । ବାସ୍ତବରେ କହିବାକୁ କଲେ ପବିତ୍ର କୁରଆନ ଉକ୍ତ ତଫ୍‌ସିର କାର୍ଯ୍ୟଟି ଅଲ୍ଲାଃତାଲାଙ୍କର ଅଟେ । ସେ ଯାହାକୁ ଚାହିଁବେ ତାଙ୍କୁ ଉକ୍ତ କାର୍ଯ୍ୟ ସମ୍ପାଦନ କରିବାର ସାମର୍ଥ୍ୟ ପ୍ରଦାନ କରିବେ । ପୁନଶ୍ଚ ଅନ୍ୟ ଏକ ସ୍ଥାନରେ ଆପଣ ର.ଅ କହିଲେ, ଅଲ୍ଲାଃତାଲାଙ୍କ କୃପାରୁ ପବିତ୍ର କୁରଆନ୍ କରୀମ୍‌ର ସମସ୍ତ ଅନୁବାଦ ସଂପୂର୍ଣ୍ଣ ହୋଇଗଲା । ଅର୍ଥାତ **ଅଲ୍‌ହମ୍‌ଦୁ ଲିଲ୍ଲାଃହିରୁ ୱନ୍‌ନାସ୍** ପର୍ଯ୍ୟନ୍ତ । ଅତଃ ତଫ୍‌ସିର୍ ସଗିର୍ ସହିତ ତଫ୍‌ସିର କବୀର୍‌ର ଯଦି ତୁଳନା କରାଯାଏ ତେବେ ଏହା ଜଣାପଡ଼େ ଯେ, ତଫ୍‌ସିର୍ ସଗିରରେ ଅନେକ ପ୍ରସଙ୍ଗ ରହିଛି ଯାହାକି ଟୀକା ଆକାରରେ ସଂକ୍ଷିପ୍ତ ଭାବରେ ଆଲୋଚନା କରାଯାଇଛି କିନ୍ତୁ ତଫ୍‌ସିର କବୀରରେ ତାହା ବର୍ଣ୍ଣିତ ହୋଇ ନାହିଁ ।

ପୁନଶ୍ଚ ତଫ୍‌ସିରୁଲ୍ କୁରଆନ୍‌ର ଇଂରାଜୀରେ ମଧ୍ଯ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ ହେଲା ଯାହାକୁ **'ଫାଇଭ୍ ଭଲ୍ୟୁମ୍ ଅଫ୍ କମେଣ୍ଟାରୀ'** ବୋଲି କୁହାଯାଏ । ଉକ୍ତ ତଫ୍‌ସିରର ପ୍ରାରମ୍ଭରେ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ସ୍ୱକଲମ ଲିଖିତ ଅତ୍ୟନ୍ତ ବ୍ରହ୍ମଜ୍ଞାନ ଭିତ୍ତିକ ପ୍ରାକ୍‌କଥନ ମଧ୍ଯ ଅନ୍ତର୍ଭୁକ୍ତ ରହିଛି । ଯହିଁରେ ଅନ୍ୟ ଆକାଶୀୟ ଧର୍ମଗ୍ରନ୍ଥର ଉପସ୍ଥିତିରେ ପବିତ୍ର କୁରଆନ କରୀମ୍‌ର ଆବଶ୍ୟକତା, ପ୍ରାସଙ୍ଗିକତା ଏବଂ ଆଁହଜରତ ସ.ଅଙ୍କ ପବିତ୍ର ଜୀବନୀ, **ଜମ୍‌ଉଲ୍ କୁରଆନ (ପବିତ୍ର କୁରଆନ କରୀମ ଏକତ୍ରୀକରଣ)**, ପବିତ୍ର କୁରଆନ୍ କରୀମ୍ ଉପରେ ସଂପୂର୍ଣ୍ଣ ଅନନ୍ୟ ଏବଂ ମନମୁଗ୍ଧକର ସୌନ୍ଦର୍ଯ୍ୟ ଶୈଳୀରେ ଆଲୋକପାତ କରିଛନ୍ତି । ହ. ମୁସ୍‌ଲେହ୍ ମଉଦ୍ ର.ଅ ଉକ୍ତ ପ୍ରାକ୍‌କଥନର ଶେଷରେ ଏହା ମଧ୍ଯ ଉଲ୍ଲେଖ କରିଛନ୍ତି ଯେ, ମୁଁ ଏହା ମଧ୍ଯ କହିଦେବାକୁ ଚାହେଁ ଯେ, ହ. ଖଲିଫତୁଲ୍ ମସିହ୍ ଅୱଲ୍ ର.ଅଙ୍କ ଶିଷ୍ୟତ୍ୱ ହେବା ଯୋଗୁଁ ମୋ ତଫ୍‌ସିର୍‌ରେ ଅନେକ ବିଷୟବସ୍ତୁ ଅନିର୍ବାର୍ଯ୍ୟ ରୂପେ ଆସିଛି (ବର୍ଣ୍ଣିତ ହୋଇଛି) ଯେଉଁ ବିଷୟବସ୍ତୁଗୁଡ଼ିକୁ ମୁଁ ସ୍ୱୟଂ ମହୋଦୟଙ୍କ ଠାରୁ ଆହରଣ କରିଛି । ଅତଃ ଉକ୍ତ ତଫ୍‌ସିରରେ ହ. ମସିହ୍ ମଉଦ୍ ଅ.ସଙ୍କ ତଫ୍‌ସିର୍, ଖଲିଫା ଅୱଲ୍‌ଙ୍କ ତଫ୍‌ସିର ଓ ମୋର ତଫ୍‌ସିର୍ ମଧ୍ଯ ଆସିଯିବ । କାରଣ ଅଲ୍ଲାଃତାଲା ହ. ମସିହ୍ ମଉଦ୍ ଅ.ସଙ୍କୁ ନିଜର ପୂଣ୍ୟାତ୍ମା ଦ୍ୱାରା ସ୍ପର୍ଶିତ କରି ସେହି ଅଲୌକିକ ଜ୍ଞାନ ଦ୍ୱାରା ପୁରସ୍କୃତ କରିଥିଲେ ଯାହାକି ଏହି ଯୁଗ ନିମନ୍ତେ ଆବଶ୍ୟକ ଅଟେ । ଏଣୁ ମୁଁ ଆଶାକରେ ଯେ, ଉକ୍ତ ତଫ୍‌ସିର ମାଧ୍ୟମରେ ଅନେକ ରୋଗୀ ଆରୋଗ୍ୟ ଲାଭ କରିବେ । ଅନେକ ଅନ୍ଧ ବ୍ୟକ୍ତିମାନେ ଏହା ମାଧ୍ୟମରେ ଆଧ୍ୟାତ୍ମିକ ଦୃଷ୍ଟିଶକ୍ତି ଫେରି ପାଇବେ । ସେ ଯାହା ହେଉ ନା କାହିଁକି ଶ୍ରବଣଶକ୍ତି ହୀନ ବ୍ୟକ୍ତିମାନେ ଶ୍ରବଣତ୍ୱ ଫେରି ପାଇବେ, ବାଚାଳ ବାକ୍‌ଶକ୍ତି ଫେରି ପାଇବ, ପଙ୍ଗୁ ବ୍ୟକ୍ତି ଚାଲିବାକୁ ଲାଗିବ ଏବଂ ଅଲ୍ଲାଃତାଲାଙ୍କ ଦେବଦୂତମାନେ ଏହି ନିବନ୍ଧକୁ କଲ୍ୟାଣ ପ୍ରଦାନ କରିବେ ଏବଂ ତାହା ସେହି ଅଭିପ୍ରାୟକୁ ପୂର୍ଣ୍ଣ କରିବ ଯେଉଁ ଅଭିପ୍ରାୟ ନିମନ୍ତେ ତାହା ପ୍ରକାଶ କରାଯାଉଅଛି । **ଅଲ୍ଲାହୁମ୍ମା ଆମିନ୍** । (ହେ ପ୍ରଭୁ ଏହା ହିଁ ହେଉ)

ଅଲ୍ଲାମା ନିୟାଜ ଫତେହ୍ ପୁରୀ ତଫ୍‌ସିର୍ କବୀର ସଂକ୍ରାନ୍ତରେ କୁହନ୍ତି: ତହିଁରେ ସନ୍ଦେହର କୌଣସି ଅବକାଶ ନାହିଁ ଯେ, ଆପଣ (ଅର୍ଥାତ ହ. ମୁସ୍‌ଲେହ୍ ମଉଦ୍ ର.ଅ)ଙ୍କ ପବିତ୍ର କୁରଆନ୍ କରୀମ୍‌ର ଅଧ୍ୟୟନ ସଂପୂର୍ଣ୍ଣ ଅନନ୍ୟ ଏବଂ ଆପଣ ଏକ ନୂତନ ଦୃଷ୍ଟିଭଙ୍ଗୀ ସୃଷ୍ଟି କରିଛନ୍ତି । ସ୍ୱକୀୟତା ଦୃଷ୍ଟିରୁ ଉକ୍ତ ତଫ୍‌ସିରଟି ସଂପୂର୍ଣ୍ଣ ରୂପେ ପ୍ରଥମ ଏବଂ ନୂତନ ତଫ୍‌ସିର୍ ଅଟେ । ଉକ୍ତ ତଫ୍‌ସିର୍‌ରେ ବୁଦ୍ଧି ଏବଂ ଲେଖନୀଗତ ଚମତ୍କାରିତାକୁ ଆପଣ ମର୍ମସ୍ପର୍ଶୀ ଭାବରେ ବ୍ୟାଖ୍ୟା କରିଛନ୍ତି ।

ମୌଲାନା ଅବ୍‌ଦୁଲ୍ ମାଜିଦ୍ ଦର୍‌ୟାବାଦି ସାହେବ କୁହନ୍ତି ଯେ, ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ବିୟୋଗ ଉପରାନ୍ତ ଲେଖିଲେ ଯେ, ପବିତ୍ର କୁରଆନ୍ କରୀମ୍‌ର ଆନ୍ତର୍ଜାତିକ ପ୍ରକାଶନ ଏବଂ ଇସ୍‌ଲାମ୍ ଧର୍ମର ସମଗ୍ର ଆକାଶୀୟ ଧାରଣ ଜନିତ ପ୍ରଚାରର ଅକ୍ଳାନ୍ତ ଉଦ୍ୟମ, ଅବିଚଳତା ମାଧ୍ୟମରେ ଆପଣ ର.ଅ ନିଜର ଦୀର୍ଘ ଜୀବନରେ ଅବ୍ୟାହତ ରଖିଛନ୍ତି ତାହାର ପ୍ରତିଫଳ ଅଲ୍ଲାଃତାଲା ତାଙ୍କୁ ପ୍ରଦାନ କରନ୍ତୁ ।

ଲାହୋରର ସମ୍ବାଦପତ୍ର ଇମ୍ରୋଜ୍ ତଫ୍‌ସିର୍ ସଗିର ସଂକ୍ରାନ୍ତରେ ଉଲ୍ଲେଖ କଲା ଯେ, ବର୍ତ୍ତମାନ ସମୟକୁ ଦୃଷ୍ଟିରେ ରଖି କେବଳ ତଫ୍‌ସିର୍ ହିଁ ଆବଶ୍ୟକତା ରହିଛି । ଉକ୍ତ ତଫ୍‌ସିରଟି ଜମାଅତ୍ ଅହେମଦିୟର ଧର୍ମଗୁରୁ ସ୍ୱର୍ଗତ ଅଲ୍‌ହାଜ୍ ମିର୍ଜା ବଶୀରୁଦ୍ଦୀନ୍ ମେହମୁଦ୍ ଅହେମଦ୍‌ଙ୍କ ପ୍ରଚେଷ୍ଟା ଏବଂ ଚିନ୍ତାଧାରାର ଚୂଡ଼ାନ୍ତ ପ୍ରତିଫଳନ ଅଟେ । ପବିତ୍ର କୁରଆନ୍ କରୀମ୍‌ର ଆରବୀ ବାକ୍ୟର ଉର୍ଦ୍ଦୁ ଅନୁବାଦ ସହିତ ଅନେକ ସ୍ଥାନର ସ୍ୱଷ୍ଟୀକରଣ ନିମନ୍ତେ ବିଶିଷ୍ଟ ଦ୍ରଷ୍ଟବ୍ୟ ଏବଂ ବ୍ୟାଖ୍ୟାତ୍ମକ ବିବରଣୀ ଏବଂ ଟିପ୍ପଣୀ ପ୍ରଦାନ କରାଯାଇଛି ।

ସାପ୍ତାହିକ କିନ୍ଦିଲ୍ ୧୯୬୬ ମସିହାରେ ଉଲ୍ଲେଖ କଲା ଯେ, ତଫ୍‌ସିର୍ ସଗିର୍‌ର ଅନୁବାଦ ଏବଂ ବିଶିଷ୍ଟ ଦ୍ରଷ୍ଟବ୍ୟର ଭାଷାବୋଧ ଅତ୍ୟନ୍ତ ବୋଧଗମ୍ୟ ଓ ସରଳ ଅଟେ । କାରଣ ପ୍ରତ୍ୟେକ ବୁଦ୍ଧିମାନ ବ୍ୟକ୍ତି ତହିଁରୁ ଉପକୃତ ହୋଇପାରିବ । ଅନୁବାଦ ଏବଂ ତଫ୍‌ସିରରେ ଏହି ଶୃଙ୍ଖଳା ଏବଂ ବ୍ୟବସ୍ଥା ମଧ୍ୟ ରହିଛି ଯେ, ସମସ୍ତ ପୂର୍ବ ବ୍ୟାଖ୍ୟାକାରୀମାନଙ୍କର ବ୍ୟଖ୍ୟାକୁ ଶେଷ ପର୍ଯ୍ୟନ୍ତ ଅବ୍ୟାହତ ରଖାଯାଇଛି । ପବିତ୍ର କୁରଆନ୍‌କୁ ଏତେ ସୁନ୍ଦର ଏବଂ ଚମତ୍କାର ଢଙ୍ଗରେ ପ୍ରକାଶ କରିବା ଇସ୍‌ଲାମ୍ ଧର୍ମର ଏକ ମହାନ ସେବା ଅଟେ ।

ପୁନଶ୍ଚ ଇଂରାଜୀ ତଫ୍‌ସିର୍ କୁର୍‌ଆନ୍‌ର ଧାର୍ମିକ ତଥା ସାହିତ୍ୟିକ ସୌନ୍ଦର୍ଯ୍ୟତା ୟୁରୋପର ତୁଙ୍ଗ ବିଦ୍ୱାନ୍ ମନୀଷୀ ଏବଂ ବୁଦ୍ଧିଜୀବିମାନଙ୍କୁ ମଧ୍ୟ ପ୍ରଭାବିତ କଲା । ସେମାନେ ଏହାର ଭବ୍ୟ ସମୀକ୍ଷା ଏବଂ ସମାଲୋଚନା ପ୍ରଦାନ କଲେ । ଉଦାହରଣ ସ୍ୱରୂପ ବିଖ୍ୟାତ ବିଦ୍ୱାନ୍ ପଣ୍ଡିତ ଏ. ଆର୍ ବ୍ରୀ କୁହନ୍ତି, ତଫ୍‌ସିର୍‌ର ପ୍ରାରମ୍ଭରେ ଏକ ସବିଶେଷ ପ୍ରାକ୍‌କଥନ ରହିଛି ଯାହାକୁ ସ୍ୱୟଂ ମିର୍ଜା ବଶୀରୁଦ୍ଦୀନ୍ ମେହମୁଦ୍ ଅହେମଦ୍ ସାହେବ ଉଲ୍ଲେଖ କରିଛନ୍ତି । ଆମେ ଯଦି ଏହାକୁ ଇସ୍‌ଲାମ ଧର୍ମର ଜ୍ଞାନାଭିଳାଷୀ ଗବେଷଣାର ମହାନ ସ୍ମାରକ କହିଲେ ମଧ୍ୟ ଅତ୍ୟୁକ୍ତି ହେବ ନାହିଁ । ଏହାର ପ୍ରସ୍ତୁତି ପର୍ଯ୍ୟାୟରେ ପ୍ରମାଣିତ ପୁସ୍ତକ, ବ୍ୟାଖ୍ୟାତ୍ମକ ପୁସ୍ତକ, ଭାଷାକୋଷ ଓ ଗବେଷଣା ଆଦିରୁ ଉପକୃତ ହୋଇଛନ୍ତି । ଅନୁବାଦର ଇଂରାଜୀ, ନିର୍ଭୁଲ ଓ ଅତ୍ୟନ୍ତ ଶିଷ୍ଟ ତଥା ଶୃଙ୍ଖଳିତ ଅଟେ । ତହିଁରେ ଅଣମୁସଲମାନମାନଙ୍କ ଆପତ୍ତିର ଖଣ୍ଡନ ମଧ୍ୟ ଉଲ୍ଲେଖ ରହିଛି ।

ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ଜ୍ଞାନଭିତ୍ତିକ ନିଧି ଯାହାକୁ ଭାଷଣ ଆକାରରେ ଆପଣ ର.ଅ ଆମ ସମ୍ମୁଖରେ ରଖିଲେ ତାହାକୁ ଅଣଅହେମଦିମାନେ କିପରି ଦେଖନ୍ତି, ଉଦାହରଣ ସ୍ୱରୂପ ତତ୍‌ସଂକ୍ରାନ୍ତରେ ଆପଣ ର.ଅ **'ନିଜାମେ ନୌ'** ନାମକ ଏକ ଉଦ୍‌ବୋଧନ ରହିଛି । ତତ୍‌ସଂକ୍ରାନ୍ତରେ ମିସର୍ ଦେଶରେ ଜଣେ ବିଦ୍ୱାନ୍ ପଣ୍ଡିତ ଅବ୍‌ବାସ୍ ମେହ୍‌ମୁଦ୍ ସାହେବ କୁହନ୍ତି, ଯଦି ଏହି ସ୍ୱର କେବଳ ୟୁରୋପ ଏବଂ ଆମେରିକାର ଇଂରାଜୀ ପଢୁଆ ପାଠକବର୍ଗଙ୍କ ପର୍ଯ୍ୟନ୍ତ କାହିଁକି, ବରଂ ଭାରତବାସୀ ଏବଂ ପୂର୍ବୋତ୍ତରବାସୀଙ୍କ ମଧ୍ୟରେ ପ୍ରସାରିତ କରାଯାଏ ତେବେ ନିଃସନ୍ଦେହ ରୂପେ ଏହାର ସୁପ୍ରଭାବ ଅବଶ୍ୟ ଦେଖିବାକୁ ମିଳିବ ।

ପୁନଶ୍ଚ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ **'ଇସ୍‌ଲାମ୍ ମେଁ ଇଖ୍‌ତିଲାଫାତ୍ କା ଆଗାଜ୍'** ନାମକ ଏକ ଅଭିଭାଷଣ ରହିଛି। ଏହା ଏହି ପ୍ରକାରର ଜ୍ଞାନଭିତ୍ତିକ ଏବଂ ଇସ୍‌ଲାମ୍ ଧର୍ମ ଉପରେ ସମ୍ୟକ ଜ୍ଞାନର ଅଧିକାରୀ ଥିବା ବ୍ୟକ୍ତିଙ୍କର ଅଭିଭାଷଣ ଥିଲା ଯେ, ବଡ଼ ବଡ଼ ଇତିହାସବିତ୍‌ମାନେ ମଧ୍ୟ ହଜରତ୍ ମୁସ୍‌ଲେହ୍ ମଉଦ୍ ର.ଅଙ୍କ ସମ୍ମୁଖରେ ନିଜକୁ ଅଙ୍ଗନୱାଡ଼ିର ଶିଶୁ ବୋଲି ମନେକରନ୍ତି । ଲାହୋର ସ୍ଥିତ ଇସ୍‌ଲାମିୟା କଲେଜର ଅଧ୍ୟାପକ ସୟଦ୍ ଅବ୍‌ଦୁଲ୍ କାଦିର୍

ସାହେବ କୁହନ୍ତି, ମୋର ଏହି ଧାରଣା ରହିଛି ଯେ, ଏହିଭଳି ପ୍ରମାଣଭିତ୍ତିକ ନିବନ୍ଧ ଇସ୍‌ଲାମୀୟ ଇତିହାସରେ ଅଭିରୁଚି ରଖୁଥିବା ପାଠକବର୍ଗଙ୍କ ଦୃଷ୍ଟିରେ ଆଜି ପର୍ଯ୍ୟନ୍ତ ଅତିକ୍ରମ କରି ନାହିଁ ଅର୍ଥାତ ଆଜି ପର୍ଯ୍ୟନ୍ତ ପଢି ନାହାନ୍ତି ।

ସେହିପରି ଆପଣ ର.ଅଙ୍କ ଏକ ଉଦ୍‌ବୋଧନ ରହିଛି ଯାହାର ନାମ ହେଲା **'ଇସ୍‌ଲାମ୍ କେ ଇକ୍‌ତିସାଦି ନିଜାମ୍'।** ଉକ୍ତ ଉଦ୍‌ବୋଧନଟି ଦୀର୍ଘ ଅଢେଇ ଘଣ୍ଟା ଧରି ଅବ୍ୟାହତ ରହିଥିଲା । ଉଚ୍ଚ ଶିକ୍ଷିତ ବର୍ଗର ହଜାର ହଜାର ଲୋକମାନେ ଉକ୍ତ ଉଦ୍‌ବୋଧନକୁ ଶୁଣିଲେ । ଲାହୋର କୋର୍ଟର ଆଡ୍‌ଭୋକେଟ୍ ଲାଲା ରାମଚନ୍ଦ ମଚଣ୍ଡା କହିଲେ, ମୁଁ ଉକ୍ତ ଉଦ୍‌ବୋଧନ ଦ୍ୱାରା ଅନେକାଂଶରେ ଉପକୃତ ହେଲି । ମୁଁ ପ୍ରଥମେ ଏହା ଭାବୁଥିଲି ଏବଂ ମୋର ଏହି ଭ୍ରମ ଧାରଣା ରହିଥିଲା ଯେ, ଇସ୍‌ଲାମ୍ ଧର୍ମ ନିଜର ଆଇନ୍‌ରେ କେବଳ ମୁସଲମାନମାନଙ୍କର ଅଧିକାର ପ୍ରତି ଗୁରୁତ୍ୱାରୋପ କରିଛି । କିନ୍ତୁ ଆଜି ହ. ଇମାମ୍ ଜମାଅତ୍ ଅହେମଦିୟାଙ୍କର ଭାଷଣରୁ ଜଣା ପଡ଼ିଲା ଯେ, ଇସ୍‌ଲାମ୍ ଧର୍ମର ସମସ୍ତ ଲୋକମାନଙ୍କ ମଧ୍ୟରେ ସମାନତାର ଶିକ୍ଷା ପ୍ରଦାନ କରିଥାଏ ।

୧୯୨୪ ମସିହାରେ ଯେତେବେଳେ ହୁଜୁର ର.ଅ ୟୁରୋପ ଗମନ କଲେ ସେତେବେଳେ ମାର୍ଗରେ ଆରବ ଦେଶରେ ମଧ୍ୟ ଅବସ୍ଥାନ କଲେ । ତତ୍‌ସଂକ୍ରାନ୍ତରେ ଦମିଶ୍‌କର **'ଫତ୍‌ହୁଲ୍ ଆରବ୍'** ୧୯୨୪ ମସିହା ଅଗଷ୍ଟ ମାସ ୧୦ ତାରିଖର ପ୍ରକାଶନରେ ଉଲ୍ଲେଖ କଲେ ଯେ, ଖଲିଫା ସାହେବ ନିଜ ବୟସର ୪୦ ତମ ବର୍ଷରେ ଅଛନ୍ତି । ମୁଖମଣ୍ଡଳରେ କଳା ରଙ୍ଗର ପ୍ରଶସ୍ତ ଦାଢି ରଖନ୍ତି, ଶରୀର ଗହମ ବର୍ଣ୍ଣ ପରି ଏବଂ ଭବ୍ୟ ଓ ତେଜସ୍ୱୀତା ବିଦ୍ୟମାନ ରହିଛି। ତାଙ୍କର ଉଭୟ ଚକ୍ଷୁ , ବୁଦ୍ଧିମତା, ଚାତୁର୍ଯ୍ୟତାର ଅସାଧାରଣ ଜ୍ଞାନ ଏବଂ ବୌଦ୍ଧିକତାର ଅନନ୍ୟ ଓ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରୁଥିଲା । ଆପଣ ର.ଅଙ୍କ ଶରୀରର ଚର୍ମ ଧବଳ ବର୍ଣ୍ଣ ଏବଂ ପରିଷ୍କାର ଅଟେ । ନିଜ ମସ୍ତକରେ ପରିଧାନ କରିଥିବା ପଗଡ଼ିର ରଙ୍ଗ ବରଫ ପରି ଧବଳ ବର୍ଣ୍ଣ ଓ ପରିଷ୍କାର ଅଟେ । ଆପଣ ର.ଅଙ୍କ ବୁଦ୍ଧି ଏବଂ ଶାରୀରିକ ଭଙ୍ଗୀ ତଥା ପରିଭାଷାକୁ ଦେଖିଲେ ଏହା ବିଶ୍ୱାସ ହୋଇଯିବ ଯେ, ଆପଣ ଏହିଭଳି ଏକ ବ୍ୟକ୍ତିଙ୍କ ସମ୍ମୁଖରେ ଦଣ୍ଡାୟମାନ ହୋଇଛନ୍ତି ଯାହାଙ୍କ ଆପଣ ବୁଝିବା ପୂର୍ବରୁ ସେ ଆପଣଙ୍କୁ ଭଲ ଭାବରେ ଚିହ୍ନି ନେବେ । ଆପଣ ର.ଅଙ୍କ ତୁଣ୍ଡରେ ପ୍ରସନ୍ନଚିତ୍ତ ସର୍ବଦା ବିଚରଣ କରିଥାଏ ଯାହାକି କେତେବେଳେ ପ୍ରକାଶ୍ୟ ହୋଇଥାଏ ତ' ଆଉ କେତେବେଳେ ଲୁକ୍କାୟିତ ହୋଇ ରହିଥାଏ । ଆପଣ ଯଦି ସେହି ପ୍ରସନ୍ନତା ଏବଂ ତେଜସ୍ୱୀତାକୁ ଦେଖିବେ ତେବେ ଆପଣ ଆଶ୍ଚର୍ଯ୍ୟଚକିତ ହୋଇଯିବେ ।

ହୁଜୁର ଅନୱର୍ ଅ.ବ କହିଲେ ଏହିପରି ଅସଂଖ୍ୟ ପ୍ରତିକ୍ରିୟାର ରହିଛି, ମୁଁ ଯେଉଁ ତଥ୍ୟା ସଂଗ୍ରହ କରିଥିଲି କିନ୍ତୁ ସମୟାଭାବ ହେତୁ ତାହାକୁ ମୁଁ ସାରାଂଶ ଆକାରରେ ଉପସ୍ଥାପିତ କରିଛି । ଅଲ୍ଲାଃତାଲା ହ. ମସିହ୍ ମଉଦ୍ ଅ.ସଙ୍କୁ ଭବିଷ୍ୟତବାଣୀରେ ଯେଉଁ ସୂଚନା ଦେଇଥିଲେ ସେହି ମସସ୍ତ ଭବିଷ୍ୟତବାଣୀ ହ. ମିର୍ଜା ବଶୀରୁଦ୍ଦୀନ ମେହମୁଦ୍ ସାହେବ୍ ର.ଅଙ୍କ ବ୍ୟକ୍ତିତ୍ୱରେ ପୂର୍ଣ୍ଣ ହେଲା । ଆପଣ ର.ଅଙ୍କୁ ଅଲ୍ଲାଃତାଲା ଯେଉଁ ଜ୍ଞାନ ଓ ପରିଚୟ ପ୍ରଦାନ କରିଥିଲେ ତାହାର ବରିଷ୍ଠ ବିଦ୍ୱାନ୍ ପଣ୍ଡିତ ମଧ୍ୟ ମୁକାବିଲା କରିପାରିବ ନାହିଁ । ଆପଣ ର.ଅଙ୍କ ପ୍ରଦତ୍ତ ସାହିତ୍ୟ ଜମାଅତ୍ ପାଇଁ ଏକ ଅମୂଲ୍ୟ ନିଧି ଅଟେ । ଆପଣ ର.ଅଙ୍କ ଖୁତ୍‌ବାତ୍, ଖିତାବାତ୍ (ଉଦ୍‌ବୋଧନାବଳୀ) ଆଦି ଯାହା ପ୍ରକାଶିତ ହୋଇଯାଇଛି ତାହାକୁ ପଢିବା ଉଚିତ । ବର୍ତ୍ତମାନ ଅନୁବାଦର କାର୍ଯ୍ୟ ମଧ୍ୟ ଅବ୍ୟାହତ ରହିଛି । ଅଲ୍ଲାଃତାଲା ଆମମାନଙ୍କୁ ଏହି ଜ୍ଞାନଭିତ୍ତିକ ନିଧିରୁ ଲାଭାନ୍ୱିତ ହେବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ ।

---

**ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ ନସ୍‌ତଈନୁହୁ ୱନସ୍‌ତଗ୍‌ଫିରୁହୁ ୱନୁମିନୁ ବିହି ୱନତୱକ୍‌କଲୁ ଅଲୈ ଓ ନଉଜୁ ବିଲ୍ଲାହି ମିନ୍ ଶୁରୁରି ଅନ୍‌ଫୁସିନା ୱମିନ୍ ସଈଆତି ଆମାଲିନା ମଇଁ ୟହ୍‌ଦିହିଲ୍ଲାହୁ ଫଲା ମୁଜିଲ୍ଲା ଲହୁ ୱମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ୱନଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହିମକୁମୁଲ୍ଲାହି ଇନ୍ନଲ୍ଲାହା ୟାମୁରୁ ବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଈତାଇଜ଼ିଲ୍ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲାଅଲ୍ଲକୁମ୍ ତଜ଼କ୍ କରୁନା ଉୟ୍‌କୁରୁଲ୍ଲାହ୍ ୟଜ୍‌କୁରୁକୁମ୍ ୱଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ୱଲଜ଼ିକ୍‌ରୁଲ୍ଲାହି ଅକ୍‌ବର୍ ।**

....................................

KHULASA KHUTBA JUMA HUZOOR ANWAR a.b.a

17th Feb. 2023